

ବାହୁଡା ଯାତ୍ରା ଅବସରରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର,ଜୟପୁର, ସୁନାବେଡା ଓ ଦାମନଯୋଡିରେ ଶ୍ରୀଜୀଉ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ଶାବର ଶ୍ରୀକ୍ଷେତ୍ରରେ ୩ଠାକୁରଙ୍କ ସୁନାବେଶ

କୋରାପୁଟ,୨୯।୬ (ଅମିତାଭ ବେହେରା)- କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ଗୁରୁବାର ସନ୍ଧ୍ୟାରେ ମହାପ୍ରଭୁ ରଥ ଉପରେ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ୩ଠାକୁରଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିଛନ୍ତି। ସକାଳୁ ରଥରେ ୩ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମଧାହ୍ନରେ ମହାପ୍ରସାଦ ଲାଗୁହେବା ପରେ ଠାକୁରଙ୍କ ପହଡ ପଡ଼ିଥିଲା। ଅପରାହ୍ନ ୪ଟାରେ ୩ଠାକୁରଙ୍କ ମନ୍ଦିରରେ ଥିବା ଭଣ୍ଡାରଘରୁ ସ୍ୱର୍ଣ୍ଣ ଅଳଙ୍କାରମାନ ଅଣାଯାଇ ରଥରେ ସୁନାବେଶ କରାଯାଇଥିଲା । ପରେ ସନ୍ଧ୍ୟା ସଢେ ୫ଟାରେ ଶ୍ରଦ୍ଧାଳୁମାନେ ଏହି ବେଶ ଦର୍ଶନ କରିଥିଲେ । ବେଶ ଦେଖିବାକୁ ଜିଲା ଓ ଜିଲା ବାହାରର ବହୁ ଲୋକଙ୍କ ସମାଗମ ହୋଇଥିଲା । ରାତିରେ ଶ୍ରୀଜୀଉଙ୍କଠାରେ ଅଧରପଣା ଲାଗି କରାଯାଇଥିଲା । ଅଧରପଣା ଟିକେ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶୁକ୍ରବାର ଶ୍ରୀଜୀଉ ନୀଳାଦ୍ରି ବିଜେ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡ. ଜଗବନ୍ଧୁ ସାମଲ କହିଛନ୍ତି। ସୁନାବେଶ ଓ ଅଧରପଣା ନୀତି ଅବସରରେ ଶାନ୍ତିଶୃଙ୍ଖଳ ରକ୍ଷା ନିମନ୍ତେ ଏସ୍‌ଡିପିଓ ମନୋଜ ପୂଜାରୀ ଓ ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ।

### ଦାମନଯୋଡିରେ ମହାପ୍ରଭୁଙ୍କ ସୁନାବେଶ

ଦାମନଯୋଡି,୨୯ (ନରସିଂହ ବ୍ରହ୍ମା)- ଗୁରୁବାର ଦାମନଯୋଡିରେ ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହୋଇଛି। ସୁନାବେଶ ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିଲା। ଶ୍ରୀଜୀଉମାନଙ୍କ ମଧାହ୍ନ ଧୂପ ଶେଷ ହେବା ପରେ,ରଥ ଉପରେ ଶ୍ରୀ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ ହୋଇଥିଲା। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ଶ୍ରୀମୁଖ ପଦ୍ମ ଓ ବିଭିନ୍ନ ପ୍ରକାରର ମାଳି ପିନ୍ଧି ଥାଆନ୍ତି। ସନ୍ଧ୍ୟାରେ ତ୍ରିତାରା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ନିଳାଦ୍ରିବିଜେ ଅନୁଷ୍ଠିତ ହେବ।

### ସୁନାବେଶ ଦେଖିଲେ ଶ୍ରଦ୍ଧାଳୁ

ଜୟପୁର, ୨୯।୬ (ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଜୟପୁରର ଐତିହାସିକ ରଥଯାତ୍ରାର ବାହୁଡ଼ା ଅବସରରେ ବୁଧବାର ୩ଠାକୁରଙ୍କୁ ଆଡ଼ପ ମଣ୍ଡପରୁ ରଥାରୂଢ଼ କରି ରଥଟାଣି ଶ୍ରଦ୍ଧାଳୁମାନେ ସୌରାସାହି ଛକ ଚୈତନ୍ୟ ମନ୍ଦିରସ୍ଥିତ ମାଉସୀ ମା'ଘରଠାରେ ପହଞ୍ଚାଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ଶ୍ରୀଜୀଉଙ୍କୁ ପୋଡ଼ପିଠା ଲାଗି କରାଯାଇଥିଲା। ସେଠାରେ ମହାବାହୁ ଅଟକି ରହିଥିଲେ। ଗୁରୁବାର ଅପରାହ୍ନ ସାଢେ ୪ଟାରେ ସେଠାରୁ ରଥଟଣା ହୋଇ ରଜାନହରଠାରେ ପହଞ୍ଚିଥିଲା । ଏଠାରେ ୩ଠାକୁରଙ୍କ ସୁନାବେଶ କରାଯାଇଥିଲା। ଶ୍ରଦ୍ଧାଳୁମାନେ ସୁନାବେଶ ଦର୍ଶନ କରିଥିଲେ। ଭିଡକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିଲା। ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ସେହିପରି ସହରର ଟ୍ରାଫିକ ଚଳାଚଳକୁ ମଧ ନିୟନ୍ତ୍ରଣ କରାଯାଇଥିଲା।

# ରାଇପାହାଡ଼ରେ ପହଞ୍ଚିଲା ବ୍ଲକ ପ୍ରଶାସନ

- ନନ୍ଦପୁର ବ୍ଲକର ସୀମାନ୍ତ ଗ୍ରାମ ଉପରେ ଆନ୍ଧ୍ର ନଜର ପକାଇବା ପ୍ରସଙ୍ଗ
- ଖବର ପ୍ରକାଶ ପରେ ତତ୍ପରତା

ନନ୍ଦପୁର, ୨୯।୬(ଶଙ୍କର ପୂଜାରୀ)

କୋରାପୁଟ ଜିଲାର କୋଟିଆ ପରେ ଏବେ ଆନ୍ଧ୍ର ନନ୍ଦପୁର ବ୍ଲକ ସୀମାନ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅନୁପ୍ରବେଶ କରୁଛି। ନନ୍ଦପୁର ବ୍ଲକର ରାଇପାହାଡ଼ ଗ୍ରାମ ଉପରେ ଆନ୍ଧ୍ର ନଜର ପକଇବା ସମ୍ପର୍କିତ ଖବର ମଙ୍ଗଳବାର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ନନ୍ଦପୁର ବ୍ଲକ ପ୍ରଶାସନ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନକୁ ଅବଗତ କରିବେ ବୋଲି ଜଣାପଡ଼ିଛି। ଏହି ଗସ୍ତରେ ବିଡିଓ ସୁଜିତ ମିଶ୍ର, ତହସିଲଦାର ନରସିଂହ ଗାଦବା, ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଜସକେତନ ବେହେରା, ଜିପିଇଓ ବେଦାନ୍ତ ମାଝି, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ରବୀନ୍ଦ୍ରନାଥ ମାର୍ଣ୍ଡି ପ୍ରମୁଖ ଯାଇଥିଲେ।

ଖବରରୁ ଜଣପଡିଛି, ନନ୍ଦପୁର ବ୍ଲକ ସୀମାନ୍ତ ଗ୍ରାମଗୁଡ଼ିକୁ ଆନ୍ଧ୍ର ପ୍ରଶାସନ ନିଜର ବୋଲି ଦର୍ଶାଇ ସୀମାନ୍ତ ଲୋକଙ୍କୁ ପ୍ରଭାବିତ କରି ସେମାନଙ୍କୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ କରିଆସୁଛି। ଏଥିପାଇଁ ପୂର୍ବରୁ ସୀମାନ୍ତବାସୀଙ୍କ ଲାଗି ଆନ୍ଧ୍ର ଆଧାର କାର୍ଡ, ରାଶନ କାର୍ଡ, ଭୋଟର କାର୍ଡ, ବିଭିନ୍ନ ଭତ୍ତା, ପାଣି, ବିଦ୍ୟୁତ୍ ବ୍ୟବସ୍ଥା କରି ଆସୁଥିଲା। ଏବେ ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ୬ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬ଜଣ ହିତାଧିକାରୀଙ୍କୁ ପାଇଁ ଗୃହ ନିର୍ମାଣ ଲାଗି ସହାୟତା ଯୋଗାଇ ଦେଇଥିଲା। ହିତାଧିକାରୀମାନେ ମଧ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଖବର ପ୍ରକାଶ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୩୯୭/୨୦୨୩, ଆର୍‌ଇଏସ୍‌ଏସ୍ ତା ୨୭।୬।୨୩ରେ ଆନ୍ଧ୍ରର ଆଲୁରି ସିଥାରମନ ଜିଲାର ଜିଲାପାଳଙ୍କୁ ପତ୍ର ଲେଖାଯାଇଥିଲା। ଏପରି ବେନିୟମ ନିର୍ମାଣରେ ରୋକ ଲଗାଇବା ସହ ୨ରାଜ୍ୟର ଅଧିକାରୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ ଲାଗି ଦିନଧାର୍ଯ୍ୟ କରିବାକୁ ପତ୍ରରେ ଉଲ୍ଲେଖ କରାଯାଇଥିଲା। ସୀମା ନିର୍ଦ୍ଧାରଣ ଦିନ କୋରାପୁଟ ଜିଲା ତରଫରୁ ଉପଜିଲାପାଳ ଓ ନନ୍ଦପୁର ବ୍ଲକ ପ୍ରଶାସନ ଉପସ୍ଥିତ ରହିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ବିଡିଓ, ତହସିଲଦାରଙ୍କ ନେତୃତ୍ୱରେ ଗୁରୁବାର ବ୍ଲକ ପ୍ରଶାସନ ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ନିର୍ମାଣ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହଗୁଡ଼ିକ ଆନ୍ଧ୍ର ପ୍ରଶାସନ ପକ୍ଷରୁ କରାଯାଉଛି। ଆନ୍ଧ୍ରର ପ୍ରଶାସନିକ ଅଧିକାରୀ ବିଡିଓ, ତହସିଲଦାର, ପିଇଓ, ଯନ୍ତ୍ରୀ ଓ ଗ୍ରାମସେବକମାନେ ବାରମ୍ବାର ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଉଥିବା ଆଲୋଚନା ବେଳେ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେମାନେ କହିଛନ୍ତି। ଆନ୍ଧ୍ରର ଏଭଳି ଅନୁପ୍ରବେଶକୁ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଓଡ଼ିଶା ସରକାର, ଜିଲା ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।





ବ୍ଲକ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି। କୋରାପୁଟ ଜିଲାପାଳ ଆନ୍ଧ୍ରର ଆଲୁରି ସିଥାରମନ ଜିଲାପାଳଙ୍କୁ ଲେଖିଥିବା ଚିଠି।

# ଦର ବୃଦ୍ଧି, ମଣିପୁର ହିଂସା ନେଇ ଉଦ୍‌ବେଗ

## ସିପିଆଇର ଜିଲା କାର୍ଯ୍ୟକାରୀ କମିଟି ବୈଠକ

ଜୟପୁର,୨୯।୬ (ପବନ ପାଣିଗ୍ରାହୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କୋରାପୁଟ ଜିଲାର କାର୍ଯ୍ୟକାରୀ କମିଟି ବୈଠକ ଶ୍ରମିକ କର୍ମଚାରୀ ଭବନଠାରେ ଗୁରୁବାର ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଣିପୁର ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜୁଲାଇ ୧୦ରେ ଜୟପୁରରେ ହେବାକୁ ଥିବା କର୍ମଶାଳାରେ ଦଳର କୋରାପୁଟ ଜିଲାର ସମସ୍ତ ଶାଖା ସମ୍ପାଦକ, ସହ ସମ୍ପାଦକ, ଜୋନ୍ ଓ ଜିଲା ପରିଷଦ ସଭ୍ୟମାନଙ୍କୁ ଯୋଗଦେବାକୁ ସମ୍ପାଦକ ଯୁଧିଷ୍ଠିର ରାଉଳ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଅଭୟ ସାହୁ, ପୂର୍ବତନ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ ମିଶ୍ର, ଜୟନ୍ତ ଦାସ ପ୍ରମୁଖ ଯୋଗଦେବେ। ଅତିଥିମାନେ ଦଳର ଆଗାମୀ ରାଜନୈତିକ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ବୈଠକରେ ମଣିପୁରରେ ୨ମାସ ଧରି ଲାଗି ରହିଥିବା ଜାତିଗତ ଓ ସାମ୍ପ୍ରଦାୟିକ ହିଂସା ଉପରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଦାଦନ ସମସ୍ୟା, ଜମି ଜଳ ଜଙ୍ଗଲ ଉପରେ ଆଦିବାସୀ ମୂଳନିବାସୀଙ୍କ ଅଧିକାର, ନିଯୁକ୍ତି ବିହୀନ ବିକାଶ ନୀତି,ରାଜ୍ୟରେ ବିଜେଡିର ଜନବିରୋଧୀ ନୀତି ସମ୍ପର୍କରେ ସମ୍ୟକ ଆଲୋଚନା ହୋଇଥିଲା। ବୈଠକରେ ଉତ୍ତମ ମଲ୍ଲିକ, ପ୍ରଭୁନନ୍ଦ ମୁଦୁଲି,ବୁଦ୍ରା ବଡ଼ନାୟକ,ସତ୍ୟବ୍ରତ ନନ୍ଦ, ପବନ ମହୁରିଆ, ପଦମନ ହରିଜନଙ୍କ ସହ ଅନ୍ୟମନେ ଉପସ୍ଥିତ ଥିଲେ।




ବୈଠକରେ ସିପିଆଇ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

# ଲିଖିତ ପ୍ରତିଶ୍ରୁତି, ସହାୟତା ପରେ ରାସ୍ତା ଅବରୋଧ ହଟିଲା

- କୋଲାବନଗର ବାହୁଡ଼ାଯାତ୍ରାରେ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା
- ମୃତଦେହ ନ ନେବାକୁ ଜିଦ୍ ଧରିଥିଲେ ପରିବାର ଲୋକେ
- ମୃତକଙ୍କ ଝିଅକୁ ଟାଟା ପାୱାରରେ ଚାକିରି ପ୍ରତିଶ୍ରୁତି

କୋରାପୁଟ,୨୯।୬(ଅମିତାଭ ବେହେରା)

କୋରାପୁଟ ସଦର ଥାନା ଅନ୍ତର୍ଗତ କୋଲାବନଗର ଅଞ୍ଚଳରେ ବୁଧବାର ଅପରାହ୍ନରେ ବାହୁଡ଼ାଯାତ୍ରା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ବିଶ୍ୱନାଥ ନାୟକଙ୍କ ମୃତ୍ୟୁ ହୋଇଥିଲା। ଜଣେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣା ନେଇ ମୃତକଙ୍କ ପରିବାର ଓ କୋଲାବ ନଗରବାସୀ କୋରାପୁଟ ସଦର ଥାନାରେ ପହଞ୍ଚି ମୃତକ ଓ ଆହତଙ୍କ ପାଇଁ କ୍ଷତିପୂରଣ ଦାବି କରିଥିଲେ। ଏଥିସହ ସେମାନେ ଥାନା ସମ୍ମୁଖ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମୃତକଙ୍କ ମୃତଦେହ ନ ନେବାକୁ ଜିଦ୍ ଧରିଥିଲେ। ଏନେଇ ଏସ୍‌ଡିପିଓ ମନୋଜ ପୂଜାରୀ, ସଦର ଥାନା ଅଧିକାରୀ କିରଣବାଳା ସାମଲ ରାସ୍ତା ଅବରୋଧ କରିଥିବା ବ୍ୟକ୍ତିମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଟାଟା ପାୱାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୃତକ ବିଶ୍ୱନାଥଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଓ ଆହତ କ୍ରିଷ୍ଣା ରାଓଙ୍କୁ ୫୦ ହଜାର ଟଙ୍କା, ମୃତକଙ୍କ ଝିଅକୁ ଟାଟା ପାୱାରରେ ଆଉଟସୋର୍ସ ଭାବେ ନିଯୁକ୍ତି ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଏହି ରାସ୍ତା ଅବରୋଧ ହଟିଥିଲା। ପରେ ଟାଟା ପାୱାର କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ବିଶ୍ୱନାଥଙ୍କ ପରିବାରକୁ ୧ ଲକ୍ଷ ଟଙ୍କାର ଚେକ୍ ଓ ଆହତଙ୍କୁ ୫୦ ହଜାର ଟଙ୍କାର ଚେକ୍‌ପ୍ରଦାନ କରିଥିଲେ । ପରେ ମୃତକଙ୍କ ପରିବାର ଲୋକେ ମୃତଦେହ ଧରି କୋଲାବନଗର ଯାଇଥିଲେ । ସେଠାରେ ଶୋକାକୁଳ ପରିବେଶରେ ବିଶ୍ୱନାଥଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ, ବୁଧବାର କୋଲାବନଗରରେ ବାହୁଡ଼ାଯାତ୍ରା ବେଳେ ବିଶ୍ୱନାଥ ଓ କ୍ରିଷ୍ଣା ରଥର ବ୍ରେକ୍ ଦାୟିତ୍ୱରେ ଥିଲେ। ଲୁହାରେ ନିର୍ମିତ ରଥ ନିକଟରେ କମ୍ ଉଚ୍ଚତାରେ ୧୧ କେଭି ବିଦ୍ୟୁତ୍ ତାର ଯାଇଥିଲା। ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିଲା। କ୍ରିଷ୍ଣା ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏବେ ସେ ସେଠାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ବିଦ୍ୟୁତ୍ ଯୋଗାଣ ସଂସ୍ଥା ଟାଟା ପାୱାର କର୍ମଚାରୀଙ୍କ ଅବହେଳା ଯୋଗୁ ହୋଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରି ଥାନାରେ ଏତଲା ଦେଇଥିଲେ। ଗୁରୁବାର ସେମାନେ କ୍ଷତିପୂରଣ ଦାବି କରି ଥାନାରେ ପହଞ୍ଚିଥିଲେ। କ୍ଷତିପୂରଣ ନ ଦେଲେ ମୃତଦେହ ନେବେ ନାହିଁ ବୋଲି ଜିଦ୍ ଧରି ଥାନା ସମ୍ମୁଖ ରାଜପଥକୁ ଅବରୋଧ କରିଥିଲେ। ଅନ୍ୟପକ୍ଷରେ ଏଥିରେ ଆଉ ୨ଜଣ ସାମାନ୍ୟ ଆହତ ହୋଇଥିବା ଶୁଣିବାକୁ ମିଳୁଛି।




ଥାନାରେ ମୃତକଙ୍କ ସମ୍ପର୍କୀୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ହାଇକୋର୍ଟଙ୍କ ରହିତାଦେଶ

ପାରଳାଖେମୁଣ୍ଡି,୨୯।୬ (ଗିରିଧାରୀ ପରିଛା):

ଗଜପତି ଜିଲାର ୪ର୍ଥ ପର୍ଯ୍ୟାୟ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟାକୁ ନେଇ ହୋଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ପଦୋନ୍ନତିରେ ସମାନତା ନ ଥିବାରୁ ହାଇକୋର୍ଟ ରହିତାଦେଶ ଜାରି କରିଥିବା ଜଣାପଡ଼ିଛି। ୨୦୧୯ ସଂଶୋଧିତ ନିୟମ ପ୍ରକାରେ ବରିଷ୍ଠତା ଭିତ୍ତିରେ ପଦୋନ୍ନତି ପାଇଁ କୁହାଯାଇଛି। ହେଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ୨୦୨୧ ଫେବୃୟାରୀ ୧୧ ପରେ ଗ୍ରାଜୁଏଶନ କରିଥିବା ସିଟି ଶିକ୍ଷକମାନେ ଓଟିଇଟି-୨ ପାସ କରିନଥିଲେ ପଦୋନ୍ନତିରୁ ବାଦ ପଡ଼ିବେ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ । ଏହାଦ୍ୱାରା ଅନେକ ଶିକ୍ଷକ ପଦୋନ୍ନତିରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ଗଜପତି ଜିଲାର ୧୧ ଜଣ ଲେଭଲ-୪ ଶିକ୍ଷକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ନ୍ୟାୟଳୟ ରହିତାଦେଶ ଜାରି କରିଛନ୍ତି।

# ରେଳଲାଇନରେ ଦିବ୍ୟାଙ୍ଗ ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୨୯।୬( ପବନ ପାଣିଗ୍ରାହୀ)

ଜୟପୁର ନିକଟସ୍ଥ ମକାପୁଟ ଦେଇ ଯାଇଥିବା ରେଳଲାଇନରେ ଜଣେ ଦିବ୍ୟାଙ୍ଗ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବୋରିଗୁମ୍ମା ଥାନା ଆମ୍ବିଡିଗୁଡ଼ା ଗ୍ରାମର ସତ୍ୟବାନ ଅମାନାତ୍ୟ (୨୫)। ଜିଆର୍‌ପି ପୋଲିସ ସୂଚନା ଅନୁଯାୟୀ, ସତ୍ୟବାନ ବୁଧବାର ଘର ଲୋକଙ୍କ ସହ ଝଗଡ଼ାକରି ଘରୁ ଚାଲି ଆସିଥିଲେ। ଗୁରୁବାର ମକାପୁଟ ରେଳଲାଇନରେ ତାଙ୍କ ମୃତଦେହ ପଡିଥିବା ନେଇ ଏକ ମାଲବାହୀ ଟ୍ରେନ୍ ଚାଳକ ଜୟପୁର ରେଳ ଷ୍ଟେଶନରେ ସୂଚନା ଦେବାରୁ ଏହାକୁ କୋରାପୁଟ ଜିଆର୍‌ପିକୁ ଅବଗତ କରାଯାଇଥିଲା। ପରେ ପୋଲିସ ମକାପୁଟରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋରାପୁଟ ଜିଆର୍‌ପିରେ ୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଘଟଣାସ୍ଥଳରେ ପ୍ରାଥମିକ ତଦନ୍ତ ବେଳେ ସତ୍ୟବାନ୍‌ଙ୍କ ଗୋଟିଏ ଗୋଡ଼ ଦିବ୍ୟାଙ୍ଗ ଥିବା ଜିଆର୍‌ପି ପ୍ରକାଶ କରିଛି।

# ଫରେଷ୍ଟ ନର୍ସରି ପରିସରରୁ ମୃତଦେହ ଜବତ

ବିଷମ କଟକ,୨୯।୬ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମକଟକ ଥାନା ଅଧୀନରେ ଥିବା ଚାଟିକଣା ଫରେଷ୍ଟ ନର୍ସରି ପରିସରରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଚାଟିକୋଣା ପଞ୍ଚାୟତର ନଳକୂପ ପରିଚାଳକ ଭାବେ କାର୍ଯ୍ୟରତ ମୁକୁନ୍ଦ କୁମ୍ଭରିକା । ମୁକୁନ୍ଦ ବୁଧବାର ସନ୍ଧ୍ୟାରେ ପାଣି ମଟର ଚଳାଇବା ପାଇଁ ଘରୁ ବାହାରିକି ଯାଇଥିଲେ। ପ୍ରତ୍ୟେକ ଦିନ ପାଣି ଟାଙ୍କି ଫୁଲ୍ ହେବା ପରେ ବିଳମ୍ବିତ ରାତିରେ ସେ ଘରକୁ ଫେରନ୍ତି । ହେଲେ ବୁଧବାର ରାତିରେ ସେ ଘରକୁ ଫେରି ନ ଥିଲେ । ପରିବାର ଲୋକେ ବିଳମ୍ବିତ ରାତି ପର୍ଯ୍ୟନ୍ତ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଚାଟିକଣା ଫରେଷ୍ଟ ନର୍ସରୀରେ କାମ କରୁଥିବା ଶ୍ରମିକମାନେ ଗୁରୁବାର ସକାଳେ ନର୍ସରି ଭିତରେ ମୃତଦେହ ପଡିଥିବା ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ସେଠାରେ ପହଞ୍ଚି ବିଷମକଟକ ପୋଲିସକୁ ଖବର ଦେଇଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୁକୁନ୍ଦଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅନୁମାନ କରୁଛି ।

# ପ୍ରଥମ ଦିବସରେ ରାଇଜିଂ ଷ୍ଟାର ବିଜୟୀ

## କୋରାପୁଟରେ କେପିଏଲର ଦ୍ୱିତୀୟ ସଂସ୍କରଣ ଆରମ୍ଭ

କୋରାପୁଟ,୨୬।୬(ଅମିତାଭ ବେହେରା)

କୋରାପୁଟ ଉପର ଗ୍ରାଉଣ୍ଡରେ ଆୟୋଜିତ କେପିଏଲର ଦ୍ୱିତୀୟ ସଂସ୍କରଣ ଗୁରୁବର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବରେ ସାମାଜିକ କର୍ମୀ ଟି.କିରଣ କୁମାର ଯୋଗଦେଇଥିଲେ। ପ୍ରଥମ ଦିବସରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟାର ୨୦ ଓଭରରେ ୫ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଥିଲା। ଏହାର ଜବାବରେ କୋରାପୁଟ କିଙ୍ଗସ୍ ୧୯.୪ ଓଭରରେ ୨୦୯ କରି ଅଲଆଉଟ ହୋଇଯାଇଥିଲା। ଫଳରେ ରାଇଜିଂ ଷ୍ଟାର ବିଜୟୀ ହୋଇଥିଲା। ରାଇଜିଂ ଷ୍ଟାରର ବାବୁଲା ଦୋରାଙ୍କୁ ମ୍ୟାନ ଅଫ ଦି ସିରିଜ, ବିଜୟ ବୁରୁଡିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ପ୍ରମୋଦ ବେହେରାଙ୍କୁ ସିରିଜର ଶ୍ରେଷ୍ଠ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଶିସକୁଡ଼ିବାସୀଙ୍କ ବିକାଶରେ ବାଧକ ଅନ୍ଧାରୀ ନଦୀ

ଦଶମନ୍ତପୁର,୨୯।୬ (ଅରବିନ୍ଦ ନାୟକ )

ଗ୍ରାମବାସୀଙ୍କ ବିକାଶରେ ପ୍ରତିବନ୍ଧକ ସାଜିଛି ଅନ୍ଧାରୀ ନଦୀ। ଉକ୍ତ ନଦୀ ପାଇଁ ବର୍ଷାଦିନ ଆସିଲେ ଜଳବନ୍ଦୀ ଜୀବନ ବିତାଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଶିସକୁଡ଼ି ଗ୍ରାମବାସୀ। ଏହି ଗ୍ରାମ ଚାରିପଟେ ରହିଛି ଡଙ୍ଗର ଓ ପାହାଡ଼ପର୍ବତ। ମଝିରେ ରହିଥିବା ଶିସକୁଡ଼ି ଗ୍ରାମରେ ୪୫ ଆଦିବାସୀ ଓ ହରିଜନ ସମ୍ପ୍ରଦାୟଙ୍କର ଲୋକେ ବସବାସ କରିଥାନ୍ତି। ଗ୍ରାମବାସଙ୍କ ମୁଖ୍ୟ ଜୀବିକା ହେଉଛି ପୋଡୁଚାଷ। ଅନ୍ଧାରୀ ନଦୀ ସେମାନଙ୍କ ଜୀବନ ଜୀବିକା ବିକାଶରେ ମଧ ବାଧକ ସାଜୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିପାଇଁ ଆମ ଗ୍ରାମରେ କୌଣସି ଉନ୍ନୟନମୂଳକ କାମ ହୋଇପାରୁନାହିଁ ବୋଲି କହିଛନ୍ତି ସେମାନେ। ବିଶେଷକରି ନଦୀ ପାରହୋଇ ବିଦ୍ୟାଳୟ ଯାଉଥିବା ଗ୍ରାମର ୨୭ ଜଣ ଛାତ୍ରୀଛାତ୍ରମାନେ ହନ୍ତସନ୍ତ ହୁଅନ୍ତି। ଆମ ମାଆବାପା ଆମକୁ କାନ୍ଧରେ ବସାଇ ନଦୀପାର କରିନେଇ ବିଦ୍ୟାଳୟରେ ଛାଡନ୍ତି ବୋଲି କୁହନ୍ତି ପିଲାମାନେ। ତେବେ ନଦୀରେ ପାଣି ଅଧିକ ରହୁଥିବାରୁ ଆମେ ମାସକୁ ମାତ୍ର ୩/୪ ଥର ପିଲାଙ୍କୁ ବିଦ୍ୟାଳୟ ଛାଡୁ ବୋଲି କୁହନ୍ତି ଅଭିଭାବକମାନେ। ୨ବର୍ଷ ତଳେ ହୋଇଥିବା ବନ୍ୟାରେ ଅନେକ ଗୃହପାଳିତ ପ୍ରାଣୀ ଭାସିଯାଇଥିଲେ। ଗ୍ରାମର ରାମ ପୂଜାରୀ, ଦାଶ ସାଉଁତା ଏବଂ ପୁଲୁ ସାଉନ୍ତା ମଧ ନଦୀ ପାର ବେଳେ ଭାସିଯାଇ ମୃତ୍ୟୁବରଣ କରିଥିଲେ ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରାମରେ କେହି ଗୁରୁତର ହୋଇପଡିଲେ ଅବା କୌଣସି ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଆମେ ଗ୍ରାମରୁ ଆର୍‌ଡି ରାସ୍ତା ଛକ ପର୍ଯ୍ୟନ୍ତ ଭାରରେ ବୋହିନେଇ ସେଠାରୁ ୧୦୮ କିମ୍ବା ୧୦୨ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଥାଉ ବୋଲି କହନ୍ତି ଗ୍ରାମର ବଙ୍ଗାରି ସାଉଁନ୍ତା, ଇନ୍ଦ୍ର ପାଇକ, ଧବଳେଶ୍ୱର ପାଇକ, ଅର୍ଜୁନ ନାୟକ, ଶୋଭା ପାଇକ, ଡମ ପୂଜାରୀ, କୃଷ ପାଇକ ଓ ମଦନ ପାଇକ। ନଦୀ ଉପରେ ପୋଲଟିଏ ନିର୍ମାଣ କରିବାକୁ ଏଯାଏ ପ୍ରଶାସନ କିମ୍ବା ଜନ ପ୍ରତିନିଧିମାନେ ଗୁରୁତ୍ୱ ଦେଇନାହନ୍ତି। ପୋଲ ନିର୍ମାଣ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ସେମାନେ କହିଛନ୍ତି।



ଅନ୍ଧାରୀ ନଦୀ।

## ସଂକ୍ଷେପରେ

### ଚନ୍ଦାହାଣ୍ଡିରେ ସମୂହ ନମାଜ ପାଠ

ଚନ୍ଦାହାଣ୍ଡି, ୨୯।୬ (ଦିଲୀପ ଦାସ ) - ଚନ୍ଦାହାଣ୍ଡି ବ୍ଲକ ଅଧୀନ ମୋହରା ଏବଂ ବେହେରାମୁଣ୍ଡା ମସ୍‌ଜିଦ ପରିସରରେ ବୁଧବାର ଇଦ୍-ଉଜ୍-ଜୁହା ପର୍ବ ପାଳିତ ହୋଇଯାଇଛି । ସକାଳୁ ସମସ୍ତ ମୁସଲମାନ ଭାଇ ଏକ ଶୋଭାଯାତ୍ରାରେ ବାହାରି ଇଦ୍‌ଗା ପଡ଼ିଆରେ ସମବେତ ହୋଇ ମୌଲାନା ସୋହେବ ରଜାଙ୍କ ପୌରୋହିତ୍ୟରେ ସମୂହ ନମାଜ ପାଠ କରିଥିଲେ । ପରେ ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। ଏହା ପରେ ସମସ୍ତେ କବରସ୍ଥାନ (ଶ୍ମଶାନ)କୁ ଯାଇ ନିଜ ନିଜ ପରିବାରର ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋହରା ମୁସଲିମ କମିଟି ସଭାପତି ସୁଲତାନ ଅଲ୍ଲୀ, ସମ୍ପାଦକ ମହମ୍ମଦ ସକିଲ , କୋଷାଧ୍ୟକ୍ଷ ମହମ୍ମଦ ଇଲିୟାସ, ଉପସଭାପତି ମୁରାଦ ଅଲ୍ଲୀ, ଅବଦୁଲ ମଜିଦ, ମହମ୍ମଦ ହନିଫ, ମହମ୍ମଦ ଇଶା,ମହମ୍ମଦ ୟୁନୁସ, ମହମ୍ମଦ ସଫିକ,ମୁମତାଜ ଅଲ୍ଲୀ,ସହିଦ ଅଲ୍ଲୀ, ଅବଦୁଲ କୟୁମ,ମହମ୍ମଦ ଇକବାଲ, ମହମ୍ମଦ ଆସଫାକ, ମହମ୍ମଦ ସହାଦତ ଅଲ୍ଲୀ,ମହମ୍ମଦ ରିଜୱାନ ,ମକବୁଲ ଅଲ୍ଲୀଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

### ୨ ଖବରଦାତାଙ୍କ ମୃତ୍ୟୁରେ ନୀରବ ପ୍ରାର୍ଥନା, ସଭା

ମାଲକାନଗିରି,୨୯।୬ (ଦୁର୍ଯ୍ୟୋଧନ ପାତ୍ର)- ବରିଷ୍ଠ ଖବରଦତା ଡ.ଜଗନ ମହାପାତ୍ରଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇ ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ କାର୍ଯ୍ୟାଳୟରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଅନେକ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଉପସ୍ଥିତ ଖବରଦାତାମାନେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରି ସେ ଜଣେ ସଚୋଟ, ନିର୍ଭୀକ ଖବରଦାତା ଥିଲେ। ତାଙ୍କର ଏହି ବିୟୋଗ ଖବରଦାତାମାନଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ ମହାପତ୍ର ଦୈନିକ ଖବର କାଗଜ ସକାଳର ବ୍ରହ୍ମପୁର ଜୋନାଲ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଖବରଦାତା ଭଜଗୋବିନ୍ଦ ଜେନାଙ୍କ ପାଇଁ ମଧ ସଂଘ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦଗତି କମନା କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜେନା ଗତ ମେ ୨୪ରେ ବ୍ରେନ ଷ୍ଟ୍ରୋକ ଯୋଗୁ ଅସୁସ୍ଥ ହୋଇପଡ଼ି ଭଦ୍ରକସ୍ଥିତ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିଲେ। ସୋମବାର ଭୋର ସମୟରେ ତାଙ୍କର ପରଲୋକ ହୋଇଯାଇଥିଲା। ସେ ଭଦ୍ରକ ଜିଲା ନିର୍ଭୟ ଖବରକାଗଜରେ ଖବରଦାତା ରୂପେ କର୍ଯ୍ୟ କରୁଥିଲେ।

### ଇଦ୍- ଉଜ୍-ଜୁହା ପାଳିତ

ଜୟପୁର, ୨୯।୬( ପବନ ପାଣିଗ୍ରାହୀ)- ଜୟପୁରଠାରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଗୁରୁବାର ପବିତ୍ର ଇଦ୍-ଉଜ୍-ଜୁହା ପାଳନ କରିଛନ୍ତି । ଜୟପୁର ବ୍ରହ୍ମାସାହି ସମ୍ମୁଖରେ ଥିବା ଜାମା ମସ୍‌ଜିଦ, ଦ୍ୱିତୀୟ ଦୈନିକ ବଜାରଠାରେ ଥିବା ମସ୍‌ଜିଦ ଓ ମଦିନା ମସ୍‌ଜିଦରେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଏକାଠି ହେଇ ନମାଜ ପାଠ କରିଥିଲେ। ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ।




ନବରଙ୍ଗପୁର ଓ ଉମରକୋଟରେ ରଥାରୂଢ଼ ଶ୍ରୀଜୀଉ ସୁନାବେଶରେ ଦର୍ଶନ ଦେଉଛନ୍ତି ।

# ସବ୍‌ସିଡି ଅର୍ଥ ନ ପାଇ ଚାଷୀ ହନ୍ତସନ୍ତ

ଉମରକୋଟ ୨୯।୬ (ସନ୍ତୋଷ ଶତପଥୀ)

### ଉଦ୍ୟାନ ବିଭାଗର ଚାଷୀମାରଣ ନୀତି

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ବଙ୍ଗୀୟ ଗ୍ରାମ ବଡକୁମାରୀ ଅଞ୍ଚଳର ଚାଷୀଙ୍କୁ ଉଦ୍ୟାନ ବିଭାଗ ସବ୍‌ସିଡି ଅର୍ଥ ବର୍ଷେ ହେଲା ପୈଠ ନ କରିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ଏ ନେଇ ଜିଲାପାଳ ଓ କୃଷି ସଚିବଙ୍କ ନିକଟରେ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୨ ସେପ୍ଟେମ୍ବର ମାସରେ ଜାତୀୟ ଉଦ୍ୟାନ ମିଶନ ଅନ୍ତର୍ଗତ ଯୋଜନାରେ ବଡକୁମାରୀ ଗ୍ରାମର ପ୍ରାୟ ୨୩ ଜଣ ଚାଷୀ ହାଇବ୍ରିଡ୍ ବିହନ ବ୍ୟବହାର କରି ପନିପରିବା ଚାଷ କରିଥିଲେ। ଏହି ଯୋଜନାରେ ଚାଷୀଙ୍କୁ ପ୍ରତି ୧ ହେକ୍ଟର ଜମିରେ ପରିବା ଚାଷକଲେ ୧୬ ହଜାର ଟଙ୍କା ସବ୍‌ସିଡି ମିଳିଥାଏ। ଜାନୁୟାରୀରେ ଏହି ସବ୍‌ସିଡି ଅର୍ଥ ମିଳିଯିବା କଥା । ଉକ୍ତ ନିୟମ ଅନୁଯାୟୀ ଚାଷୀ ବିହନର ବିଲ୍, ଜିପିଏସ୍ ଫଟୋ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜପତ୍ର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିସାରିଲେଣି। ଏହା ପରେ ବିଭାଗୀୟ ଅଧିକାରୀ ମଧ ଫିଲ୍ଡ




ସବ୍‌ସିଡି ପାଇ ନ ଥିବା ଚାଷୀ ।

ପରିଦର୍ଶନ କରିସାରିଲେଣି। କିନ୍ତୁ ୧୦ମାସ ହେଲାଣି ଚାଷୀ ସବ୍‌ସିଡି ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି । କିଛିଦିନ ତଳେ ଉମରକୋଟଠାରେ ହୋଇଥିବା ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଚାଷୀମାନେ ଭେଟିଏ ସମ୍ପର୍କରେ ଅଭିଯୋଗ କରିଥିଲେ। ସେହିଭଳି କିଛିଦିନ ତଳେ କୃଷି ସଚିବ ଅରବିନ୍ଦ ପାଢ଼ୀ ଉମରକୋଟ ଗସ୍ତରେ ଆସିଥିବାବେଳେ ଚାଷୀ ତାଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଗ୍ରୀନ୍ ହାଉସ ଯୋଜନାରେ ମଧ ୨୮ ଜଣ ଚାଷୀ ଏହି ଗ୍ରାମର ସବ୍‌ସିଡି ଅର୍ଥ ପାଇନାହାନ୍ତି। ୨୨୦୦ ଏସ୍‌ଫଁରେ ନିର୍ମିତ ଏହି ଘର ପାଇଁ ସରକାର ୩୬ ହଜାର ସବ୍‌ସିଡି ଦେଇଥାନ୍ତି। ଜାନୁୟାରୀରେ ଏହି ଚାଷୀମାନେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଛନ୍ତି। ଏଥିପାଇଁ ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ, ସହକାରୀ ଉଦ୍ୟାନ ଅଧିକାରୀ, ଯନ୍ତ୍ରୀମାନେ ମିଳିତ ଯାଞ୍ଚ କାର୍ଯ୍ୟ କରି ସାରିଥିଲେ ହେଁ ଆଜି ଯାଏଁ ସବ୍‌ସିଡି ଅର୍ଥ ମିଳିଲା ନ ଥିବା ଚାଷୀମାନେ କହିଛନ୍ତି। କୃଷି ବିଭାଗ ପକ୍ଷରୁ ସବ୍‌ସିଡି କଥା ଶୁଣି ଚାଷୀ ଟଙ୍କା ସୁଧରେ ଆଣି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଚାଷୀ ଧାର ଆଣିଥିବା ଟଙ୍କାର ସୁଧ ପୈଠ କରିକରି ନୟାନ୍ତ ହୋଇଥିଲେ ମଧ ଉଦ୍ୟାନ ବିଭାଗ ପକ୍ଷରୁ ସବ୍‌ସିଡି ଟଙ୍କା ପ୍ରଦାନ କରାଯାଉ ନ ଥିବା ଅସନ୍ତୋଷ ଦେଖାଦେଇଛି। ସେହିପରି ପିଆଜ ଘର ଯୋଜନାରେ ପ୍ରାୟ ୨୫ ଜଣ ଚାଷୀ ସବ୍‌ସିଡି ଅର୍ଥ ପାଇ ନ ଥିବା ଅଭିଯୋଗ ହେଉଛି। ଗୋଟାଏ ପିଆଜ ଘର ନିର୍ମାଣ ପାଇଁ ଚାଷୀ ୧ ଲକ୍ଷ ୬୦ ହଜାର ଟଙ୍କା ଖର୍ଚ୍ଚ କରନ୍ତି ଓ ସରକାର ୮୦ ହଜାର ଟଙ୍କା ସବ୍‌ସିଡି ଦେଇଥାନ୍ତି। କିନ୍ତୁ ପିଆଜ ଘର ନିର୍ମାଣ ହେବାର ୬ ମାସ ହେଲାଣି ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ସବ୍‌ସିଡି ଅର୍ଥ ପାଇ ନ ଥିବା କହିଛନ୍ତି। ନବରଙ୍ଗପୁର ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ, ସବ୍‌ସିଡି ଅର୍ଥ ପ୍ରଦାନରେ ତାଙ୍କ ବିଭାଗ କୌଣସି ଅବହେଳା କରିନାହିଁ ବରଂ ପ୍ରତି ବର୍ଷ ଠିକ୍ ସମୟରେ ଅର୍ଥ ପୈଠ କରି ଆସୁଛି ବୋଲି କହିଥିଲେ । କିନ୍ତୁ ଚଳିତ ବର୍ଷ ଅର୍ଥ ଆସି ନ ଥିବାରୁ ପ୍ରଦାନରେ ବିଳମ୍ବ ହୋଇଛି, ଖୁବ୍‌ଶୀଘ୍ର ଅର୍ଥ ଆସିଯିବ ଓ ଏହି ଅର୍ଥ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଦ୍ୱାରା ଦିଆଯିବ ବୋଲି ସେ କହିଛନ୍ତି।

## ଦଣ୍ଡାମୁଣ୍ଡାରେ ନିଆରା ପରମ୍ପରା, ରଥ ଟାଣିଲେ ମହିଳା

ଚନ୍ଦାହାଣ୍ଡି,୨୯।୬ (ଦିଲୀପ ଦାସ )



ମହିଳାମାନେ ରଥ ଟାଣୁଛନ୍ତି ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଦଣ୍ଡାମୁଣ୍ଡାଠାରେ ପ୍ରତ୍ୟେକ ବର୍ଷ ଭଳି ବାହୁଡ଼ା ପରଦିନ ଗୁରୁବାର ପରମ୍ପରା ଅନୁଯାୟୀ ମହିଳାମାନେ ରଥ ଟାଣିଥିବା ଦେଖିବାକୁ ମିଳିଛି। ବୁଧବାର ଆସି ଅଧା ବାଟରେ ଅଟକିଥିବା ରଥକୁ ଗୁରୁବାର ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ସମବେତ ହୋଇ ସଂକୀର୍ତ୍ତନ, ହୁଳହୁଳି ଶବ୍ଦ ସହ ରଥକୁ ଶ୍ରୀ ଜଗନ୍ନାଥ ମନ୍ଦିର ଯାଏଁ ପାଛୋଟି ଆଣିଥିଲେ। ଏହାପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ସୁନାବେଶ ଦର୍ଶନ କରିବା ସହ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ।ଆଖପାଖ ଅଞ୍ଚଳରେ ଏଭଳି କୌଣସି ସ୍ଥାନରେ ଦେଖିବାକୁ ମିଳୁନଥିବା ବେଳେ ଦଣ୍ଡାମୁଣ୍ଡାଠାରେ ଏହି ନିଆରା ପରମ୍ପରାକୁ ମହିଳାମାନେ ବେଶ ଉତ୍ସାହ ଓ ଭକ୍ତି ସହ ଶ୍ରୀ ଜଗନ୍ନାଥଙ୍କ ରଥ ଟାଣିଥାନ୍ତି। ଏଥିରେ ଝରୀଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଉପସ୍ଥିତ ଥିବା ବେଳେ ନରେନ୍ଦ୍ର ମାଝୀ, ନଳିନୀ ମାଝୀ, ପୁରୋହିତ ସୁରେନ୍ଦ୍ର ଦାଶ, ଦୀପକ ଦାସ, ବଳରାମ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ଶିଶିର ମାଝୀ, ଗୌରହରୀ ନାୟକ, ପ୍ରତାପ ଗୌଡ଼, ଧବଳେଶ୍ୱର ପଟ୍ଟନାୟକ ,ଟେକରାମ ସୋରି, ଗୌରହରୀ ନାୟକ, ସିମାଞ୍ଚଳ ଗଣ୍ଡା , ବିଦ୍ୟାଧର ପ୍ରମୁଖଙ୍କ ସହ ସମସ୍ତ ମନ୍ଦିର ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଡାବୁଗାଁ, ୨୯।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମାଝିଗଡ଼ା ଗ୍ରାମର ଜଣେ ଯୁବକ ଗୁରୁବାର ମଧ୍ୟାହ୍ନରେ ନାଳରେ ଗାଧୋଇବାବେଳେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମାଝିଗୁଡା ଗ୍ରାମର ଜଗଲ ଗୌଡ଼ଙ୍କ ପୁଅ କୃଷ୍ଣ ଗୌଡ଼ (୨୫)।

ସୂଚନାଯୋଗ୍ୟ, ମାଝିଗୁଡା ଗ୍ରାମର କୃଷ୍ଣ ଗାଁ ପାଖ ନିଜ ଜମିରେ ହଳ କରିବାକୁ ଯାଇଥିଲେ। ହଳ କରି ସାରି ପାଖରେ ଥିବା ଏକ ନାଳରେ ଗାଧୋଇବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ପାଖରେ କାମ କରୁଥିବା ଲୋକେ ତାଙ୍କୁ ଦେଖି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ଉଦ୍ଧାର କରିପାରି ନ ଥିଲେ । ପରେ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ କୃଷ୍ଣଙ୍କୁ ପାଣିରୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ କୃଶ ଗୌଡ଼ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ. ୨୩/୨୩ ରୁଜୁ କରିଛି। ସବ୍‌ଇନ୍‌ସ୍ପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛ ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

ମାଲକାନଗିରି,୨୯।୬(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଜୁନ୍ ମାସ ବ୍ୟାପୀ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ମାଲକାନଗିରି ସଦର ମହକୁମାରେ ଗୁରୁବାର ଜିଲା ପ୍ରଶାସନ ଓ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ବିଭାଗୀୟ ଶ୍ରମ କାର୍ଯ୍ୟାଳୟଠାରେ ଶିଶୁ ଶ୍ରମ ବିରୋଧରେ ଏକ ପଦଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ଏହି ପଦଯାତ୍ରା ଶ୍ରମ କାର୍ଯ୍ୟାଳୟଠାରୁ ବାହାରି ସୁଭାଷ ବୋଷ ଛକ ଓ ବାଲିମେଳା ଛକ ଦେଇ ଉପ ଜିଲାପାଳଙ୍କ ବାସସ୍ଥାନ ପର୍ଯ୍ୟନ୍ତ ହୋଇଥିଲା। ପଦଯାତ୍ରାରେ ଶିଶୁ ଶ୍ରମ ଆଇନ ସମ୍ପର୍କିତ ଦଣ୍ଡବିଧାନ ସହ ଶିଶୁ ଶ୍ରମିକମାନଙ୍କର ଉଦ୍ଧାର ଓ ଥଇଥାନ ସମ୍ପର୍କରେ ସଚେତନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡିଶାକୁ ଏକ ଶିଶୁ ଶ୍ରମ ମୁକ୍ତ ରାଜ୍ୟ କରିବା ନିମନ୍ତେ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିସହ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ ୧୯୮୬ କୁ କଡାକଡି ଭାବେ ପାଳନ କରିବା ସହ ଶିଶୁ ଶ୍ରମ ନିରାକରଣ ରାଲି ଓ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁରାଧା ମହାନ୍ତି, ଜିଲା ଶିଶୁ ସୁର କ୍ଷା ଅଧିକାରୀ ନାରାୟଣ ଦାସ ଓ ସହକାରୀ ଶ୍ରମ ଅଧିକାରୀ ବିଶ୍ୱରଞ୍ଜନ କହଁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯତ୍ରାରେ ସମସ୍ତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ମା' ଗୃହ, ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ ।



ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଉଛି।

## ବଡ଼ ଓଝେଇରେ ଅବକାରୀ ଚଢ଼ାଉ

ଜୟପୁର, ୨୯।୬( ପବନ ପାଣିଗ୍ରାହୀ)

ଦେଶୀମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ସଦର ଥାନା ଅନ୍ତର୍ଗତ ବଡ଼ ଓଝେଇରେ ଗୁରୁବାର ଚଢ଼ାଉ କରିଥିଲେ। ଏହି ସମୟରେ ସେମାନେ ୬ ଶହ ଲିଟର ପୋଚ ଓ ୮୦ ଲିଟର ଦେଶୀ ମଦ ଜବତକରି ନଷ୍ଟ କରିଥିଲେ। ଚଢ଼ାଉ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ମଦରନ୍ଧା ସରଞ୍ଜାମ, ଡ୍ରମ ଆଦ ଜବତ କରି କର୍ମଚାରୀମାନେ ଫେରିଥିବା ଜଣାପଡିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

## ଜିଲାପାଳଙ୍କ ନିର୍ଦ୍ଦେଶ ପରେ କଣ୍ଟାଗାଁ ଲୋକେ ପାଇଲେ ଚାଉଳ




ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଛି।

ତେନ୍ତୁଲିଖୁଣ୍ଟି , ୨୯।୬ (ଚିଦାନନ୍ଦ ସାହୁ )

ତେନ୍ତୁଲିଖୁଣ୍ଟି ବ୍ଲକର ୬ଟି ପଞ୍ଚାୟତରେ ୩ ମାସର ଚାଉଳ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମରେ ଏପ୍ରିଲ, ମେ ଓ ଜୁନ ମାସର ଚାଉଳ ହଡ଼ପ କରାଯାଇଥିବା ନେଇ ଏହି ଖବର ପ୍ରକାଶିତ ହେବା ପରେ ମାତ୍ର ୨ ମାସର ଚାଉଳ ବଣ୍ଟନ କରି ୧ ମାସ ଚାଉଳ ହିତାଧିକାରୀଙ୍କୁ ଦେଇ ନ ଥିଲେ। ପୁଣି ଏହି ଖବର ପ୍ରକାଶ ପରେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପିଇଓ, ଏମ୍‌ଆଇଙ୍କଠାରୁ ଭରଣା କରି ୭ ଦିନ ମଧରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେବା ପରେ କଣ୍ଟାଗାଁ ପଞ୍ଚାୟତବାସୀଙ୍କୁ ଜୁନ୍ ମାସର ଚାଉଳ ବଣ୍ଟନ କରାଯାଇଛି। କଣ୍ଟାଗାଁ ହିତାଧିକାରୀଙ୍କୁ ଚାଉଳ ବଣ୍ଟନରେ ଏମଆଇ ରୋହିତ ମାଝି, ପିଇଓ ରୁଦ୍ର ପ୍ରତାପ ଷଡଙ୍ଗୀ,ସମିତି ସଭ୍ୟ ଡମ୍ବରୁ ଭତରା, ସରପଞ୍ଚଙ୍କ ଉପସ୍ଥିତରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। କଂଗ୍ରା ଗ୍ରାମପଞ୍ଚାୟତରେ ଗୁରୁବାର ଚାଉଳ ବଣ୍ଟନ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ସୁଦ୍ଧା ଶେଷ ହୋଇଯିବ ବୋଲି ସୂଚନା ମିଳିଛି। ମାତ୍ର ଦିଗି , ପୂଜାରୀଗୁଡା ଓ ଅଞ୍ଚଳଗୁମ୍ମା ପଞ୍ଚାୟତରେ ଚାଉଳ ବଣ୍ଟନ ଆରମ୍ଭ ହୋଇପାରି ନାହିଁ। ତେବେ ଅଁଳାଭଟାରେ ୮୭୬ କୁଇଣ୍ଟାଲ ଚାଉଳ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ କରାଯିବାକୁ ଦାବି ହୋଇଛି।

## ବାହୁଡ଼ାଯାତ୍ରାରେ ଓଡ଼ିଶୀ, ଗୋଟିପୁଅ ନୃତ୍ୟ ପରିବେଷଣ

ମାଲକାନଗିର,୨୯।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରାରେ ପ୍ରଥମଥର ରଥ ପାଖରେ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଜିଲା ପ୍ରଶାସନ ମନ୍ଦିର ପରିଚାଳନା କମିଟିର ମିଳିତ ଉଦ୍ୟମରେ ମନ୍ଦିର ପ୍ରତିଷ୍ଠା ହେବା ଠାରୁ ପ୍ରଥମଥର ଏପରି ଏକ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶୀନୃତ୍ୟ ଗୁରୁ ଦୀପକ ମାଝିଙ୍କ ଉଦ୍ୟମରେ ସ୍ଥାନୀୟ ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀର କୁନି କଳାକାରମାନଙ୍କୁ ନେଇ ଏହି ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ପାରମ୍ପରିକ ଶୈଳୀରେ ନବଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ସୁରକ୍ଷାରେ ୧୫ ଜଣ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ପ୍ରଜ୍ଞାଦେବୀ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।



ଓଡ଼ିଶୀ ନୃତ୍ୟ ପରିବେଷଣରେ ଭାଗ ନେଇଥିବା କଳାକାର ।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ, ରିହାତି, ଫେରସ୍ତ ସଚେତନତା

ଚିତ୍ରକୋଣ୍ଡା, ୨୯।୬(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ମିଳିତ ଆନୁକୂଲ୍ୟରେ ସ୍ୱାଭିମାନ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଆର୍ଥିକ ସାକ୍ଷରତ ମାଧମରେ ବ୍ୟାଙ୍କ ଋଣ, ସୁଧ ରିହାତି ଓ ଫେରସ୍ତ ଉପରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ମହିଳା ମାନଙ୍କୁ ଋଣ ଉପରେ ସୁଧ ଟଙ୍କା ଛାଡ଼ ନେଇ ସଚେତନ କରାଯାଇଥିଲା। ଯଦି ଗୋଷ୍ଠୀ ନେଇଥିବା ଋଣ ଉପରେ ସୁଧ କଟିଛି ତେବେ ଏକକାଳିନ କିଭଳି ସମସ୍ତ ସୁଧ ଟଙ୍କା ଗୋଷ୍ଠୀ ଖାତାକୁ ଫେରସ୍ତ ହେଉଛି ସେ ଉପରେ ସଚେତନତା କରାଯିବା ସହ ସଞ୍ଚୟ, ଋଣ କାରବାର,ସୁଧ ଆଦାନ ପ୍ରଦାନ ମାସିକ ଏବଂ ବାର୍ଷିକ ଆୟବ୍ୟୟ ଅଟକଳ,ବ୍ୟବସାୟିକ ଯୋଜନା ଓ ବାର୍ଷିକ ଲାଭାଂଶ ଆଦି ସମ୍ପର୍କରେ ଗୋଷ୍ଠୀର ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଏଥି ସହିତ ଗୋଷ୍ଠୀର ମହିଳାମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଓ ମମତା ଯୋଜନାରେ ସଚେତନ କରାଯାଇଥିଲା। ତାଲିମଦାତା ଭାବେ ବିପିଏମ୍ ପର୍ଶୁରାମ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେଇଭଳି ଚିତ୍ରକୋଣ୍ଡା ମିଶନ ଶକ୍ତି ଭବନଠାରେ ଚିତ୍ରକୋଣ୍ଡା, ଦୋରାଗୁଡା, ଟନେଲକ୍ୟାମ୍ପ, ନୂଆଗୁଡା ଓ ବଡପଦର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଆର୍ଥିକ ସାକ୍ଷାରତା ମାଧମରେ ବ୍ୟାଙ୍କ ଋଣ ଓ ସୁଧ ଫେରସ୍ତ ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚିତ୍ରକୋଣ୍ଡା ସିଡିପିଓ ସର୍ଣ୍ଣପ୍ରଭା ଦାସ,ବିଏଲସି ସୋମନାଥ କୁମ୍ଭାର, ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର ଭୂୟାଁ ଓ ସୁପରଭାଇଜର ଚମ୍ପା ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ବିଷୟରେ ବୁଝାଯାଉଛି।

## ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଲେ ଛାତ୍ରୀଛାତ୍ର

### ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍

ବାଲିମେଳା,୨୯।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳାରେ ଡିଏଭି ଗୁରୁକୁଳ ଛାତ୍ରୀଛାତ୍ର ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଚମକିଲେ ବାଲିମେଳା ଛାତ୍ରୀଛାତ୍ର। ଜୁନ୍ ୨୫ରେ ଓଡ଼ିଶା ଟ୍ରାଡିସନଲ ସୋଟୋକାନ କରାଟେ ଆସୋସିଏଶନ ପକ୍ଷରୁ କଟକ ସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୯ମ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ହୋଇଥିଲା। ସେଥିରେ ବାଲିମେଳା ଛାତ୍ରୀଛାତ୍ର ଭାଗନେଇ ମମତା ପଡ଼ିଆମୀ କାଟାରେ ରୌପ୍ୟ ଓ କୁମିତେରେ ସ୍ୱର୍ଣ୍ଣ, ଉଧବ କିର୍ସାନି କାଟାରେ ରୌପ୍ୟ, କୁମିତେରେ ବ୍ରୋଞ୍ଜ, ମହେଶ କୁମାର ଖିଲ କାଟାରେ ବ୍ରୋଞ୍ଜ , କୁମିତେରେ ସ୍ୱର୍ଣ୍ଣ, ମୁକୁନ୍ଦ ହନ୍ତାଳ କାଟାରେ ବ୍ରୋଞ୍ଜ, କୁମିତେରେ ବ୍ରୋଞ୍ଜ, ଅମ୍ବିକା କୋଡା କାଟାରେ ସ୍ୱର୍ଣ୍ଣ, କୁମିତେରେ ବ୍ରୋଞ୍ଜ, ରମେଶ ଖରା କାଟାରେ ବ୍ରୋଞ୍ଜ, କୁମିତେରେ ବ୍ରୋଞ୍ଜ, ଅର୍ଜୁନ ଖିଲ କାଟାରେ ରୌପ୍ୟ, କୁମିତେରେ ବ୍ରୋଞ୍ଜ, ବାବୁନା ହନ୍ତାଳ କାଟାରେ ସ୍ୱର୍ଣ୍ଣ ଓ କୁମିତେରେ ବ୍ରୋଞ୍ଜ, ଚନ୍ଦ୍ରିକା ହନ୍ତାଳ କାଟାରେ ବ୍ରୋଞ୍ଜ, କୁମିତେରେ ସ୍ୱର୍ଣ୍ଣ, କୃଷ୍ଣ ଖିଲ କାଟାରେ ରୌପ୍ୟ କୁମିତେରେ ବ୍ରୋଞ୍ଜ, ତପନ ଖିଲ କାଟାରେ ରୌପ୍ୟ କୁମିତେରେ ବ୍ରୋଞ୍ଜ, ରଞ୍ଜିତ ଗୋଲାରୀ କାଟା ଓ କୁମିତେରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ନୀଳାଦ୍ରିନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମମତା ପଡ଼ିଆମୀ ଭାଗ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ର ନିଜ କୋଚ୍ ସନସାଇ ମାନସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବାଲିମେଳାରେ ଏତେ ସଂଖ୍ୟକ ଛାତ୍ରୀଛାତ୍ରୀ କୃତିତ୍ୱ ହାସଲ କରିଥିବାରୁ ଖୁସି ପ୍ରକାଶ ପାଇଛି। ଏହି ଗୁରୁକୁଳ ଛାତ୍ରୀଛାତ୍ର ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ବାଲିମେଳା ପାଇଁ ଗୌରବ ଆଣିଛନ୍ତି ।




ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ।


ରାୟଗଡ଼ା ଶ୍ରୀ ଶ୍ରୀକ୍ଷେତ୍ରରେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ।


ମୁନିଗୁଡ଼ାରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ।


ଗୁଣପୁର ବଡ଼ ରଥରେ ମହାପ୍ରଭୁଙ୍କ ସୁନାବେଶ ।

## ସଂକ୍ଷେପରେ

### ସକ୍ଷମ ସ୍ଥାପନ ଦିବସ ପାଳିତ




ରାୟଗଡ଼ା,୨୯।୬(ଆଶିଷ ରଞ୍ଜନ ପଣ୍ଡା)- ରାୟଗଡ଼ା ଜିଲ୍ଲା ସଦରସ୍ଥିତ ସକ୍ଷମ ସେବାକେନ୍ଦ୍ରରେ ଗୁରୁବାର ସକ୍ଷମ ସ୍ଥାପନ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଡ. ବାଦଲ ଦା ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ୟାମ କୁମାର ଦାସ ପରିଚାଳନା କରିଥିଲେ। ଏହି ଅବସରରେ ସକ୍ଷମ ଦିବ୍ୟାଙ୍ଗ ସେବାକେନ୍ଦ୍ରରେ କିଭଳି ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ତାଙ୍କର ସମସ୍ତ ପ୍ରକାର ସେବା ଯୋଗାଇ ଦେବା ସହ ସେମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇପାରିବେ ସେ ନେଇ ଆଲୋକପାତ କରିଥିଲେ। ସେ ଏହି କାର୍ଯ୍ୟକ୍ରମ ପାଇଁ କୌଣସି ସଂସ୍ଥା, ଶିଳ୍ପାନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗ ଓ ସହାୟତା ହାତ ବଢ଼େଇବା ନେଇ ସକ୍ଷମ ସର୍ବଦା ଚେଷ୍ଟିତ ବୋଲି ଅତିଥି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସକ୍ଷମ ଜିଲ୍ଲା ସହ-ସମ୍ପାଦକ ଜଳନ୍ଧର ବାଚେଲି, ଜିଲ୍ଲା ଦିବ୍ୟାଙ୍ଗ କେନ୍ଦ୍ରପାଳକ ଏମ ବିଦ୍ୟା ସାଗର, ସେବା ଭାରତୀ ଜିଲ୍ଲା ସମ୍ପାଦକ ବିଦ୍ୟା ଭୂଷଣ ପଣ୍ଡା, ଦିବ୍ୟାଙ୍ଗ ମିତ୍ର ବିଜୟ ଦାଶ, କବିତା ମାଣ୍ଡାଙ୍ଗି ଏବଂ ଦିବ୍ୟାଙ୍ଗ ଭାଇଭଉଣୀ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୨୯।୬ (ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗାରବନ୍ଧ ଥାନା ଅନ୍ତର୍ଗତ ରାୟଗଡ ବ୍ଲକ ଅଞ୍ଚଳର ଜଣେ ୧୬ବର୍ଷିୟ ନାବାଳିକାଙ୍କୁ ସେହି ଅଞ୍ଚଳର ଜଣେ ବିବାହିତ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାଜେନ୍ଦ୍ର ଭୂୟାଁ (୨୪) ଏବଂ ତାଙ୍କର ୩ଟି ସନ୍ତାନ ଅଛନ୍ତି। ରାଜେନ୍ଦ୍ର ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ୩ ତାରିଖରେ ତାଙ୍କୁ ନେଇ ପଳାଇଯାଇଥିଲା। ପ୍ରଥମେ ଆନ୍ଧ୍ରର ମଞ୍ଜୁଷା ଗ୍ରାମରେ ଯାତ୍ରା ଦେଖାଇଥିଲା । ପରେ ଆନ୍ଧ୍ରର କୌଣସି ଏକ ବଡ ସହରରେ ନେଇ ରଖିଥିଲେ ବୋଲି ନାବାଳିକା ଜଣଙ୍କ କହିଛନ୍ତି। ସେଠାରେ ବିବାହ ପ୍ରତିଶ୍ରୁତି ଦେବା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ନାବାଳିକା ଜଣଙ୍କ କହିଛନ୍ତି। ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ନ ପାଇ ତାଙ୍କ ମା' ଗତ ୯ ତାରିଖରେ ଗାରବନ୍ଧ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗକୁ ଗୁରୁତର ସହ ନେଇ ଅନୁସନ୍ଧାନ ଚଳାଇଥିଲା। ଗୁରୁବାର ପୋଲିସ ହାତରେ ଉଭୟ ଧରାପଡିଛନ୍ତି।

# ବେଆଇନ ବିସ୍ଫୋରକ ସାମଗ୍ରୀ କାରବାର

- ବାରୁଦ ଘେରାରେ ସଦର ମହକୁମା
- ଜନବସତି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ

ରାୟଗଡ଼ା,୨୯।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରର ଜନବସତି ଅଞ୍ଚଳରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ କାରବାର ଚାଲିଥିବା ଅଭିଯୋଗ ହୋଇଛି। ସାଇପ୍ରିୟା ନଗର ଏକ ଭଡ଼ା ଘରେ ବେଆଇନ ଭାବେ ବିସ୍ଫୋରକ ସାମଗ୍ରୀ ରଖାଯାଇ ବିଭିନ୍ନ ପଥର କୁଆରୀକୁ ଚାଲାଣ କରାଯାଉଥିଲେ ବି ପୋଲିସ ନିକଟରେ ଏ ନେଇ କୌଣସି ସୂଚନା ନାହିଁ । ଅନ୍ୟପକ୍ଷେ ଏହି ବେଆଇନ ବିସ୍ଫୋରକ କାରବାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କେହି ମୁହଁ ଖୋଲିବାକୁ ସାହସ କରୁନାହାନ୍ତି । ମାଓବାଦୀ ପ୍ରବଣ ରାୟଗଡ଼ା ଜିଲ୍ଲାରେ ଜନବସତି ଅଞ୍ଚଳରେ ଏଭଳି ବେଆଇନ କାରବାର ଜନସାଧାରଣଙ୍କ ଜୀବନ ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସାଇପ୍ରିୟା ନଗର ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛିମାସ ଧରି ବ୍ୟକ୍ତି ଜଣକ ତେଲେଙ୍ଗାନା ରାଜ୍ୟରୁ ବିସ୍ଫୋରକ ସାମଗ୍ରୀ ଆଣି ଏକ ଭଡ଼ା ଘରେ ଗଚ୍ଛିତ ରଖୁଛନ୍ତି। ପରେ ସେଠାରୁ ଜିଲାର ବିଭିନ୍ନ ପଥର କୁଆଁରିକୁ ପଠାଯାଉଛି । ତେବେ ରାୟଗଡ଼ା ସହର ଏକ ପ୍ରକାର ବାରୁଦ ଗଦା ଉପରେ ରହିଛି। କେତେବେଳେ କୌଣସି ଅଘଟଣ ଘଟିଲେ ଏଥିରେ ବହୁତ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି । ରାୟଗଡ଼ା ଜିଲା ସମେତ ପଡ଼ୋଶୀ କନ୍ଧମାଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାକୁ ମଧ ଏହି ସ୍ଥାନରୁ ପଥର କୁଆରୀ ଲିଜ୍‌ଧାରୀମାନଙ୍କୁ ବିସ୍ଫୋରକ ଯୋଗାଣ ହେଉଥିବା ଜଣାପଡ଼ିଛି । ତେବେ ଜିଲାରେ ଗୁଇନ୍ଦା ବିଭାଗ ରହିଥିଲେ ମଧ ଏହି ବେଆଇନ କାରବାରର କୌଣସି ଖବର ପୋଲିସ ପାଖେ କିପରି ପହଞ୍ଚୁନାହିଁ ତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ନିୟମ ଅନୁଯାୟୀ, ପଥର କୁଆରିରେ ବିସ୍ଫୋରକ ବ୍ୟବହାର ପାଇଁ ଜିଲାପାଳଙ୍କ ଜୁଡ଼ିସିଆଲ ବିଭାଗରେ ଆବେଦନ କରିବାକୁ ହୁଏ । ଏହାର ତଦନ୍ତ ପାଇଁ ଜିଲାପାଳଙ୍କ ଅଫିସରୁ ଏହା ପୋଲିସ କାର୍ଯ୍ୟାଳୟକୁ ଦିଆଯାଇଥାଏ । ଜିଲା ପୋଲିସ କାର୍ଯ୍ୟାଳୟରୁ ସମ୍ପୃକ୍ତ ଅଞ୍ଚଳର ଥାନାକୁ ତଦନ୍ତ ନିର୍ଦ୍ଦେଶ ହୋଇଥାଏ । ସମସ୍ତ ତଦନ୍ତ ପରେ ପଥର କୁଆରିରେ ବିସ୍ଫୋରକ ବ୍ୟବହାର ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଥାଏ । ସେହିପରି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ମଧ ସ୍ୱତନ୍ତ୍ର ଗୃହ ରହିବା ସହ ଜନବସତି ଅଞ୍ଚଳଠାରୁ ଦୂରରେ ରହିବା ଆବଶ୍ୟକ । ହେଲେ ସାଇପ୍ରିୟା ନଗରର ଯେଉଁ ସ୍ଥାନରେ ଏହା ଗଚ୍ଛିତ ରଖାଯାଉଛି ସେ ନେଇ କୌଣସି ଅନୁମତି ପୋଲିସ ଦେଇ ନ ଥିବା ଜଣାପଡ଼ିଛି । ଏଭଳିକି ପୋଲିସ କୌଣସି ବ୍ୟକ୍ତିଙ୍କୁ ଲାଇସେନ୍ସ ମଧ ପ୍ରଦାନ କରିନାହିଁ। ଏହି ବିସ୍ଫୋରକ ସାମଗ୍ରୀ କେଉଁ ସ୍ଥାନ ଓ ବ୍ୟକ୍ତିଙ୍କୁ ଯୋଗାଣ ହେଉଛି ତାହା ମଧ ଚିନ୍ତାର ବିଷୟ ପାଲଟିଛି। କାରଣ ରାୟଗଡ଼ା ଜିଲା ଏକ ମାଓ ପ୍ରବଣ ଅଞ୍ଚଳ ହୋଇଥିବାବେଳେ ଗତ କିଛି ଦିନ ତଳେ ବିଭିନ୍ନ ସରକାରୀ ଯୋଜନାକୁ ବିରୋଧ କରି ନିୟମଗିରି ଅଞ୍ଚଳରେ ମାଓବାଦୀ ପୋଷ୍ଟର ଲାଗିଥିଲା । ଏଭଳି ସ୍ଥିତିରେ ବେଆଇନ ବିସ୍ଫୋରକ ସାମଗ୍ରୀ ଅଞ୍ଚଳବାସୀଙ୍କ ମନରେ ଭୟ ସୃଷ୍ଟି କରିଛି । ଏ ସମ୍ପର୍କରେ ରାୟଗଡା ଏସଡିପିଓ ଦେବଜ୍ୟୋତି ଦାସଙ୍କୁ ପଚାରିବାରୁ ଏହିଭଳି ବେଆଇନ କାର୍ଯ୍ୟର ଅନୁସନ୍ଧାନ କରାଯାଇ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ଅପରପକ୍ଷେ ବିସ୍ଫୋରକ ସାମଗ୍ରୀ ପାଇଁ କୋରାପୁଟସ୍ଥିତ ଡେପୁଟି ଫାୟାର ଅଫିସର ଅନୁମତି ପ୍ରଦାନ କରିଥାନ୍ତି । ଏହାପରେ ସେଠାରୁ ସମ୍ପୃକ୍ତ ଅଞ୍ଚଳ ଅଗ୍ନିଶମ ବିଭାଗକୁ ସୂଚନା ପ୍ରଦାନ କରାଯାଇଥାଏ। ହେଲେ ରାୟଗଡା ସହର ଭିତରେ ଏହିଭଳି ବିସ୍ଫୋରକ ଗୋଦାମ କରିଥିବା ନେଇ ଆମକୁ କୌଣସି ସରକାରୀ ସୂଚନା ନାହିଁ ବୋଲି ରାୟଗଡା ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରମା ହାଂସଦା କହିଛନ୍ତି। ତେଣୁ ଜିଲା ପ୍ରଶାସନ ଓ ବରିଷ୍ଠ ପୋଲିସ ଅଧିକାରୀ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



ସାଇପ୍ରିୟା ନଗରରେ ଏକ ଘରେ ବିସ୍ଫୋରକ ସାମଗ୍ରୀ ଅନଲୋଡ଼ ପାଇଁ ଗାଡ଼ି ଛିଡ଼ା ହୋଇଛି।

# ଅପହୃତ ରାଜେଶଙ୍କୁ ହତ୍ୟା ଅଭିଯୋଗ

**ଗୌରୀ ମିଶ୍ର ହତ୍ୟା ମାମଲା**

ଗୁଣପୁର,୨୯।୬ (ପ୍ରଦୀପ କୁମାର ପାଢ଼ୀ)

ଗୌରୀ ମିଶ୍ର ହତ୍ୟା ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଅପହରଣ ହୋଇଥିବା ଯୁବକ ଭି.ରାଜେଶଙ୍କୁ ବିଶାଖାପାଟଣାରେ ହତ୍ୟା କରାଯାଇଥିବା ସୂଚନା ମିଳିଛି। ଏହି ଖବର ଜଣାପଡ଼ିବା ପରେ ଗୁଣପୁର ପୋଲିସର ଏକ ଟିମ୍ ବିଶାଖାପାଟଣା ଯାଇଛନ୍ତି। ସେଠାରୁ ଆସିଲା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ନିଳାମ୍ବର ଜାନି ସୂଚନା ଦେଇଛନ୍ତି। ଗୌରୀ ମିଶ୍ର ହତ୍ୟା ଘଟଣା ସମ୍ପର୍କରେ ରାଜେଶ ଜାଣିଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ନେଇ ଗତ ୨୫ ତାରିଖରେ ତାଙ୍କ ମା' ଭି.ଲକ୍ଷ୍ମୀ ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଗୌରୀ ମିଶ୍ର ହତ୍ୟା ମାମଲାରେ ୬ରୁ ୭ ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନଯୋଗ୍ୟ, ମେ ୧୩ ତାରିଖ ରାତିରେ ଆଶା ସଂସ୍ଥାର ନିର୍ଦ୍ଦେଶକ ଗୌରୀ ମିଶ୍ର ବଂଶଧାରା ନଦୀ ବ୍ରିଜ ଉପରକୁ ତାଙ୍କ ସାଙ୍ଗମାନଙ୍କ ସହ ବୁଲିବାକୁ ଯାଇଥିଲେ। ଗୌରୀ ଗାଡିରେ ଚଢି ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ରାତି ୯.୪୦ ମିନିଟରେ କିଛି ଅଜଣା ବ୍ୟକ୍ତି ଆସି ତାଙ୍କୁ ନିକଟରୁ ଗୁଳି କରି ହତ୍ୟା କରିଥିଲେ।

# ଗଛ ଲଗାଅ ପରିବେଶ ବଞ୍ଚାଅ

ଟିକିରି,୨୯।୬
(ପ୍ରଫୁଲ୍ଲ କୁମାର ବେହେରା)


ଚେରକଟା ଜଳପ୍ରପାତ ନିକଟରେ ଚାରାରୋପଣ କରାଯାଉଛି।

ପ୍ରତିବର୍ଷ ଗୁଣ୍ଡିଚାଯାତ୍ରାରୁ ବାହୁଡ଼ାଯାତ୍ରା ଭିତରେ ବୃକ୍ଷ ପ୍ରେମୀମାନେ ଚାରାରୋପଣ କରୁଥିବା ବେଳେ ଗୁରୁବାର କାଶୀପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ପାଞ୍ଚାୟତର ଚେରକଟାଠାରେ ଚାରାରୋପଣ କରାଯାଇଛି । ଗଛ ଲଗାଓ ପରିବେଶ ବଞ୍ଚାଓ ଅଭିଯାନ ମାଧ୍ୟମରେ ଚେରକଟା ଜଳପ୍ରପାତ ନିକଟରେ ଖାଲି ପଡ଼ିଥିବା ଜାଗାରେ ଗୁରୁବାର ସକାଳେ ବୃକ୍ଷପ୍ରେମୀମାନେ ବିଭିନ୍ନ ପ୍ରକାର ଚାରା ଲଗାଇଥିଲେ। ଏହାକୁ ସୁରକ୍ଷିତ ପାଇଁ ଚାରିଆଡେ ପ୍ଲାଷ୍ଟିକ ଜାଲି ଗୁଡ଼ାଇ ଆବଦ୍ଧ କରାଯାଇଛି। କାଶୀପୁର ବ୍ଲକର ଜୟଚନ୍ଦ୍ର ମାଝି, ଜୟ ମାଝି, ସଚିନ୍ଦ୍ର ଗୌଡ଼, ମନୋଜ ମାଝି, ମହେଶ୍ୱର ମାଝି, ରବି ନାଏକ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ । ସେମାନେ ଦୀର୍ଘ ୫ବର୍ଷ ହେଲା ବିଭିନ୍ନ ସ୍ଥାନରେ ଚାରାରୋପଣ କରି ଆସୁଛନ୍ତି ।

# ଗୁଣପୁର ଛାତ୍ରୀଛାତ୍ରଙ୍କ ସଫଳତା

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶ
- ଆଇଆର୍‌ପିଏମ୍‌ରେ ଦୀକ୍ଷିତା ଟପ୍ପର
- ରାସାୟନିକ ବିଜ୍ଞାନରେ ଗାୟତ୍ରୀ ଦାସ ଦ୍ୱିତୀୟ

ଗୁଣପୁର,୨୯।୬ (ପ୍ରଦୀପ କୁମାର ପାଢ଼ୀ)


ଦୀକ୍ଷିତା ଲିମା


ଗାୟତ୍ରୀ ଦାସ


ମାନସ ରାଜୁ


ଲାକୋଜି ଅନିଲ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ବିଭାଗରେ ପଢୁଥିବା ରାୟଗଡ଼ା ଜିଲା ଗୁଣପୁର କଲେଜ ଏବଂ ଥାୟାରାମ୍ମା ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଟପ୍ପର ହୋଇଛନ୍ତି। ମହିଳା ମହାବିଦ୍ୟାଳୟର ଇଣ୍ଡଷ୍ଟ୍ରିଆଲ ରିଲେଶନ ପ୍ୟାସନ ମ୍ୟାନେଜମେଣ୍ଟ (ଆଇଆର୍‌ପିଏମ୍) ବିଭାଗର ଛାତ୍ରୀ ଦୀକ୍ଷିତା ଲିମା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରରେ ୧୧୮୯ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିଭଳି ରାସାୟନିକ ବିଜ୍ଞାନ ବିଭାଗରେ ଗୁଣପୁର କଲେଜର ଛାତ୍ରୀ ଗାୟତ୍ରୀ ଦାସ ବିଶ୍ୱବିଦ୍ୟାଳୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ର ମାନସ କୁମାର ରାଜୁ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି କମ୍ପ୍ୟୁଟର ସାଇନ୍ସରେ ଲାକୋଜି ଅନୀଲ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ସେମାନଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବା ସହ ଅନୁଷ୍ଠାନର ଅଧକ୍ଷ, ଅଧ୍ୟାପିକା, ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁଭକାମନା ପ୍ରଦାନ କରାଯାଇଛି ।

### ବାଇକ ଦୁର୍ଘଟଣାରେ ଚାଳକ ଗୁରୁତର

ବାଲିଗୁଡ଼ା,୨୯।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

ଏକ ବାଇକ ଦୁର୍ଗଟଣାରେ ଗୁରୁବାର ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଲିଗୁଡ଼ାରୁ ବ୍ୟକ୍ତିଗତ କାମ ସାରି ନିଜ ଗାଁ କଳାହାଣ୍ଡି ଜିଲାର ଲୁବେନଗଡ଼ ପଞ୍ଚାୟତର କାଳିସରୁ ଗ୍ରାମକୁ ବାଇକ ଯୋଗେ କାର୍ତ୍ତିକ ମାଝୀ ଓ ଭୀମସେନ ମାଝୀ ଯାଉଥିଲେ। ମୁସୁକୁଲି ଘାଟିରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ବାଲିଗୁଡ଼ା ପୋଲିସ ଉଭୟଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚାଳକ କାର୍ତ୍ତିକ ମାଝୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସହରରେ ପ୍ଲାଷ୍ଟିକ ସଫେଇ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୨୯।୬ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ସହରକୁ ସ୍ୱଚ୍ଛ ଓ ସୁନ୍ଦର ଗଢ଼ିତୋଳିବାକୁ ସଫେଇ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି ଜନାର୍ଦ୍ଦନ ରାଓ। ଗତ କିଛି ଦିନ ପୂର୍ବେ ରାଓ କହିଥିଲେ ଯେ, ସେ ବିଜୁ ପଟ୍ଟନାୟକଙ୍କ ଜଣେ ପରମ ଅନୁଗତ। ସେ ଚାକିରି କରିବା ସମୟରେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ଗତ କିଛି ବର୍ଷ ହେଲା ଚାକିରିରୁ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲୋକଙ୍କ ସେବା କରିବାକୁ ମନ ବଳାଇଛନ୍ତି। ସହରର କିଛି ଯୁବ ଗୋଷ୍ଠୀଙ୍କୁ ନେଇ ରାଓ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସ ଏବଂ ସହରର ବିଭିନ୍ନ ସ୍ଥାନରେ ପଡିଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ପଲିଥିନ ଇତ୍ୟାଦି ସଫେ କରୁଥିବା ଦେଖିବାକୁ ମିଳିଛି। ଆଗକୁ ମଧ ଏମିତି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଆଶା ରଖିଛନ୍ତି। ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହେବେ ବୋଲି ଆଶା ରଖିଛନ୍ତି।

# ମା' ମାର୍କମା କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

ବିଷମ କଟକ,୨୯।୬
(ବିଭୁତି ଭୁଷଣ ନାୟକ)


ସୋନିଆ ମଳିକ


ତୁଷାର ପାଣିଗ୍ରାହୀ


ଟିନା ସୁନା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିସହିତ ବିଭିନ୍ନ ବର୍ଗର ବିଭାଗରେ ଶ୍ରେଷ୍ଟ ୧୦ଜଣ ଛାତ୍ରୀଛାତ୍ରଙ୍କ ନାମ ତାଲିକା ମଧ ପ୍ରକାଶ ପାଇଛି । ସେଥିରେ ରାୟଗଡା ଜିଲା ବିଷମକଟକ ବ୍ଲକ ସଦରରେ ଅବସ୍ଥିତ ଯୁକ୍ତ ୩ ମା' ମାର୍କମା ମହବିଦ୍ୟାଳୟର ୩ଜଣ ଛାତୀଛାତ୍ର ଆଇ.ଟି. ବିଭଗର ଶ୍ରେଷ୍ଠ ୧୦ଙ୍କ ଜଣ ମଧରେ ରହିଛନ୍ତି। କୃତି ଛାତ୍ରୀଛାତ୍ରଙ୍କ ମଧରେ ସୋନିଆ ମଳିକ ୫ମ ସ୍ଥାନରେ ରହିଥିବା ବେଳେ ଟିନା ସୁନା ଷଷ୍ଠ ଏବଂ ତୁଷାର ପାଣିଗ୍ରାହୀ ଅଷ୍ଟମ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ମହାବିଦ୍ୟାଳୟ ଅଧକ୍ଷ, ଆଧାପକ ଅଧାପିକାମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ଆଦିବାସୀ ସଂସ୍କୃତି ଓ ଭାଷାର ସୁରକ୍ଷା ଦାବି

**ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ବୈଠକ**

ଗୁଣପୁର,୨୯।୬
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକର ଚିନାସାରି ପଞ୍ଚାୟତ ଆଞ୍ଜିତାଙ୍ଗ ଗ୍ରାମରେ ଗୁରୁବାର ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଡିଜିଏଲ୍ ଗମାଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆଦିବାସୀ ସଂସ୍କୃତି, ଭାଷା ଏବଂ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଦାବି କରାଯାଇଥିଲା। ସେହିପରି ଜଙ୍ଗଲ ପ୍ରାକୃତିକ ସମ୍ପଦକୁ କର୍ପୋରେଟମାନେ ଲୁଟ ଏବଂ ଶୋଷଣକୁ ପ୍ରତିରୋଧ କରିବା, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଚିନାସାରିଠାରୁ ଆଞ୍ଜିତାଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଦୈନିକ ୬୦୦ ଟଙ୍କା ସହ ୨୦୦ ଦିନର କାମ ପ୍ରଦାନ ପାଇଁ ଦାବି ହୋଇଥିଲା। ଆଞ୍ଜିତାଙ୍ଗ ଗ୍ରାମର ୪୦ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ନାଁରେ ରାଜସ୍ୱ ନିରୀକ୍ଷକ ଲୋକଙ୍କ ପାଖରୁ ହଜାର ହଜାର ଟଙ୍କା ଆଦାୟ କରିଥିବା ଘଟଣାକୁ ସଭାରେ ତୀବ୍ର ନିନ୍ଦା କରାଯାଇଥିଲା। ଏହି ସଭାରେ ତ୍ରିପତି ଗମାଙ୍ଗ, ମୀନ ଶବର, ସଞ୍ଜୀବ ଶବର, ଆଗୟ ଶବର, ନିବଡ ରଇତ, ରାଜେନ୍ଦ୍ର ଗମାଙ୍ଗ ଅଭିମାଇଲ ଗମାଙ୍ଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଏବଂ ପୁରୁଷ।

# ଗମ୍ବୁସିଆ ମାଛ ଦ୍ୱାରା ବିନାଶ ହେବ ମଶାବଂଶ

**ପୌର ପରିଷଦ ଓ ସ୍ୱାସ୍ଥ୍ୟ ବିଭାଗର ନୂଆ ପ୍ରୟାସ**

ରାୟଗଡ଼ା,୨୯।୬(ଭାଗ୍ୟଶ୍ରୀ ମିଶ୍ର)

ଆଗକୁ ଆସୁଛି ବର୍ଷାଋତୁ । ତେଣୁ ମଶା ଦାଉରୁ ସହରବାସୀଙ୍କୁ ରକ୍ଷା କରିବାକୁ ରାୟଗଡ଼ା ପୌର ପରିଷଦ ଓ ଜିଲା ସ୍ୱାସ୍ଥ୍ୟ ସମିତିଙ୍କ ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ରାୟଗଡ଼ା ଜିଲାରେ ଏକ ନୂଆ ପ୍ରୟାସ କରାଯାଇଛି। ଗମ୍ବୁସିଆ ମାଛ ଦ୍ୱାରା ମଶାବଂଶ ବିନାଶ କରିବାକୁ ଜିଲାରେ ପ୍ରଥମ କରି ପଦକ୍ଷେପ ନିଆଯାଇଛି। ପୂର୍ବରୁ କେମିକାଲ ପାଉଡର ବ୍ୟବହାର କରି ମଶାକୁ ମାରିବାର ଉପାୟ କରାଯାଉଥିବା ବେଳେ ଏବେ ଜୈବିକ ପଦ୍ଧତିରେ ମଶାର ଉତ୍ପତ୍ତିକୁ ନାଶ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଡା. ବି.ଏଲ୍.ଏନ୍. ପୃଷ୍ଟି କହିଛନ୍ତି। ବିଶେଷକରି ବର୍ଷାଦିନେ ଖାଲୁଆ ସ୍ଥାନରେ ଜମା ହୋଇଥିବା ପାଣିରେ ମଶାମାନେ ଲାର୍ଭା ଦେଇଥାନ୍ତି। ସେହି ଲାର୍ଭାରୁ ମଶାସଂଖ୍ୟା ବୃଦ୍ଧି ପାଇଥାଏ। କିନ୍ତୁ ସେହି ପାଣିରେ ଗମ୍ବୁସିଆ ମାଛକୁ ଛାଡ଼ିଲେ ସେ ଲାର୍ଭାଗୁଡ଼ିକୁ ଖାଇଦେଇଥାଏ। ଫଳରେ ମଶାମାନଙ୍କର ବଂଶର ପତନ ହେବା ସହ ଡେଙ୍ଗୁ, ମ୍ୟାଲେରିଆ ମଶା ବଢ଼ିବାରେ ରୋକ ଲଗାଇବା ଏବଂ ମଶା କମିବାର ସମ୍ଭାବନା ରହିଥିବା ଡା. ପୃଷ୍ଟି କହିଛନ୍ତି।

ରାୟଗଡ଼ା ସହରର ସାଇପ୍ରିୟାନଗର ପାଣିଟାଙ୍କି ଅଞ୍ଚଳର ୨ଟି ସ୍ଥାନରେ ଏହି ମାଛ ଛଡ଼ାଯାଇଛି । ସେହିପରି ରେଳପଥ ଟ୍ରାକ୍ ପଛପଟ ଅଞ୍ଚଳରେ ମଧ ଏହି ମାଛ ଛଡ଼ାଯାଇଛି । ସହରରେ ଆଉ ୨୫ଟି ଜାଗା ଚିହ୍ନଟ କରାଯାଇଛି। ଆଗକୁ ସେଠାରେ ମଧ ମାଛ ଛଡ଼ାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପୌର ପରିଷଦ ପକ୍ଷରୁ ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ବାରିଖୋଲାଠାରେ ଗାମ୍ବୁସିଆ ମାଛ ହ୍ୟାଚେରି ନିର୍ମାଣ କରାଯାଉଛି । ସେଠାରେ ୨ଟି କୁଣ୍ଡ କରି ଏହି ମାଛର ବଂଶ ବୃଦ୍ଧି କରାଯାଉଛି। ମାଛଗୁଡ଼ିକୁ ଏଠାରୁ ନେଇ ଖାଲୁଆ ଓ ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବା ସ୍ଥାନରେ ଛଡ଼ାଯିବ ବୋଲି କୁହାଯାଇଛି। ଆମେ ପ୍ରଥମଥର ପାଇଁ ସହରରେ ମଶାକୁ ରୋକିବା ନିମନ୍ତେ ଏଭଳି ପଦକ୍ଷେପ ନେଇଥିବା ଏଡିପିଏଚ୍‌ଓ ଡା. ପୃଷ୍ଟି କହିଛନ୍ତି। ରାୟଗଡ଼ା ଭଳି ପାହାଡ଼ିଆ ଅଞ୍ଚଳରେ ଏହା ଅନେକ ମାତ୍ରାରେ ଉପଯୋଗୀ ହୋଇପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ସାନିଟାରି ଇନ୍‌ସ୍ପେକ୍ଟର ବାଲ ରାଜୁଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ପୌର ପରିଷଦ କର୍ମୀ ଉପସ୍ଥିତ ଥିଲେ ।



ଗମ୍ବୁସିଆ ମାଛକୁ ଖାଲୁଆ ସ୍ଥାନରେ ଛଡ଼ାଯାଉଛି।

